# ତହସିଲଦାରଙ୍କ କାର୍ଯ୍ୟାଳୟ, ମୋରଡା

ପତ୍ର ସଂଖ୍ୟା. ୩୯୮ ତା- ୧୮.୦୨.୨୦୨୬

(Alienation Case No. 01/2026)

## ଇସ୍ତାହାର

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିକୁ ନିମ୍ନ ଆବେଦନକାରୀଙ୍କୁ ହସ୍ତାନ୍ତର କରାଯିବାକୁ ପ୍ରସ୍ତାବ ମଞ୍ଜୁର ହୋଇଅଛି । ଏଥିରେ ଆବେଦନକାରୀଙ୍କ ନାମ, ଠିକଣା ଏବଂ ପ୍ରସ୍ତାବିତ ଜମିର ଖାତା ନଂ, ପ୍ଲଟ ନଂ, କିସମ, ଜମିର ପରିମାଣ ଉଲ୍ଲେଖ କରାଯାଇଅଛି । ଯେହେତୁ ଉକ୍ତ ଜମି ସରକାରୀ ରକ୍ଷିତ ଖାତା ଏବଂ କିସମ ଗୋଚର ଅଛି ତେଣୁ ତାହାର ପରିବର୍ତ୍ତନ ଆବଶ୍ୟକ ହେଉଅଛି । ଏଣୁ ଏହି ଖାତା ଏବଂ କିସମ ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

## ତଫସିଲ

ମୌଜାର ନାମ- ସିଳଦା ଥାନାର ନାମ- ମୋରଡା ନଂ- ୫୨

| ଖାତା ନଂ | ପ୍ଲଟ ନଂ | ରକବା | ପ୍ରସ୍ତାବିତ | ଆବେଦନକାରୀଙ୍କ ନାମ ଏବଂ ଠିକଣା |
|---|---|---|---|---|
| ୪୨୯/୧ | ୨୬୬୮/୩୭୨୬ | ଏ ୧.୨୦ | ଖାତା- ଆବାଦ ଯୋଗ୍ୟ ଅନାବାଦୀ କିସମ- ପତିତ | ବାଣିଜ୍ୟ ଏବଂ ପରିବହନ ବିଭାଗ, ଓଡିଶା, ଭୁବନେଶ୍ୱର |
| ମୋଟ | | ଏ ୧.୨୦ | | |

ଏହାର ଏକକିତା ନକଲ ସିଳଦା ମୌଜାରେ ଢେଙ୍ଗୁରା ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ଗୋଷ୍ଠୀଉନ୍ନୟନ ଅଧିକାରୀ, ମୋରଡା / ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଚିତ୍ରଡ଼ା / ରାଜସ୍ୱ ନିରୀକ୍ଷକ, ଚିତ୍ରଡ଼ାଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ମୋରଡା ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

18/02/26

ତହସିଲଦାର, ମୋରଡା